# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*******

**No. RDM-LAB-RGD-0009-2022 - 1618 /R&DM Dated.12 JAN 2023**

***<u>ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା</u>***

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ / ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୁଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ପୂର୍ବତଟ ରେଳପଥ, ଜିଲ୍ଲା- ରାୟଗଡା ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ପ୍ରସ୍ତାବିତ କୋରାପୁଟ- ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ, ଜିଲ୍ଲା- ରାୟଗଡା ।

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା:- **Atlas Management Consultancy Services Pvt. Ltd.,Jharkhand . An Empanelled agency under Nabakrushna Choudhury Centre for Development Studies, Bhubaneswar.**

SIA କରୁଥିବା ଅନୁଷ୍ଠାନ ଯୋଗାଯୋଗ ସୁଚନା:- Nabakrushna Choudhury Centre for Development Studies, Bhubaneswar, Phone No. 0674-2300471, 2301094 .

୪. ପ୍ରକଳ୍ପ ପାଇଁ ରାୟଗଡା ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ :-

| କ୍ରମିକ ନଂ | ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମ ପଞ୍ଚାୟତ | ଅଧିଗ୍ରହଣ ପାଇଁ ବେସରକାରୀ ଜମି | ମନ୍ତବ୍ୟ | ଜମିର ତାଲିକା |
|---|---|---|---|---|---|---|---|
| ୧ | ରାୟଗଡା | କାଶୀପୁର | **ଫଟାଗଡ** | ନକଟିଗୁଡା | ଏକର. ୩.୧୩୦ | Not applicable | ଏଥି ସହିତ ସଲଂଗ୍ନ କରାଯାଇଛି |
| | | | | **ମୋଟ** | **ଏକର. ୩.୧୩୦** | | |

**ଏଥି ସହିତ ଭୂମି ଅନୁସୂଚି ସଲଂଗ୍ନ କରାଯାଇଛି ।**

୫. ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ :- **ପ୍ରସ୍ତାବିତ କୋରାପୁଟ- ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ, ଜିଲ୍ଲା- ରାୟଗଡା** ରେ ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପଟି ରାୟଗଡା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଭୁକ୍ତ ଏକୋ ଗୋଟି ଗ୍ରାମ ଯଥା- **ଫଟାଗଡ** ର ମଧ ଦେଇ ଯିବ ।

୬. SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଂଚଳ :- ରାୟଗଡା ଜିଲ୍ଲାରେ ଉକ୍ତ ଏକୋଗୋଟି ଗ୍ରାମର ମୋଟ **୩.୧୩୦ ଏକର** ଘରୋଇ ଜମି ପ୍ରସ୍ତାବିତ କୋରାପୁଟ- ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ ପାଇଁ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

୭. SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତ / ଗ୍ରାମ / ୱାର୍ଡ ର ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ । ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ ।

୮. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?

**ସହମତି ଆବଶ୍ୟକ** ।

୯. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୨(ଦୁଇ) ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟ ରେ ସୁଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ସ୍ୱତନ୍ତ୍ର ଶାସନ ସଚିବ
(ଅଭୟ କୁମାର ନାୟକ)

**କ୍ରମଶଃ......**

**Memo No.** 1619 **/R&DM Dated** 12 JAN 2023

Copy forwarded to the Director, Printing Stationary, Odisha, Cuttack for information and necessary action. He is requested to publish the Notification in the next issue of the Odisha Gazette as this is a statutory one. SRO Number may be allotted to this publication.

12/01/2023

Joint Secretary to Government

**Memo No.** 1620 **/R&DM Dated** 12 JAN 2023

Copy forwarded to Commerce & Transport (Transport) Department for information and necessary action.

12/01/2023

Joint Secretary to Government

**Memo No.** 1621 **/R&DM Dated** 12 JAN 2023

Copy forwarded to RDC(S.D.), Berhampur / Collector, Rayagada / Spl. L.A.O, Rayagada / Tahasildar-cum-LAO, Kashipur for information and necessary action.

12/01/2023

Joint Secretary to Government

**Memo No.** 1622 **/R&DM Dated** 12 JAN 2023

Copy forwarded to Coordinator, State SIA Unit, Nabakrushna Choudhury Centre for Development Studies, Bhubaneswar-751013 for information and necessary action.

12/01/2023

Joint Secretary to Government

**Memo No.** 1623 **/R&DM Dated** 12 JAN 2023

Copy of SIA Notification forwarded to the e-Governance Cell of this Department with a request to upload the Notification in this Department website for information of general public.

12/01/2023

Joint Secretary to Government

# ଜମିର ତାଲିକା

ପ୍ରସ୍ତାବିତ କୋରାପୁଟ – ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ, ଜିଲ୍ଲା-ରାୟଗଡା
ଗ୍ରାମ : ଫଟାଗଡ, ତହସିଲ – କାଶିପୁର, ଥାନା: ଟିକିରି (ନଂ- ୧୨୪) ଜିଲ୍ଲା: ରାୟଗଡା

## ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|---|
| | ଖତିୟାନ ନଂ | ପ୍ଲଟ ନଂ | ମୌଜା | ଗ୍ରା.ପ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୩୭ | ୩ | ଫଟାଗଡ | ନକଟିଗୁଡା | ୧.୧୨୦ | ୧.୧୨୦ | ଆଟ | ବଂଶିଧର ସାଉନ୍ତା, ଗିରିଧର ସାଉନ୍ତା ପି-ଗୋବରି ସାଉନ୍ତା, ଗାଇଲା କୁଲେସିକା ପି-ସାଲୁ ସାଉନ୍ତା କୁଲେଶିକା |
| ୨ | ୪୩ | ୪ | ଫଟାଗଡ | ନକଟିଗୁଡା | ୧.୧୧୦ | ୧.୧୧୦ | ଆଟ | ବୁରୁଦା କୁଲୁସିକା ପି-ବାୟାମଣି କୁଲୁସିକା, ସିତମେ କୁଲୁସିକା ପି-ବାୟାମଣି କୁଲୁସିକା |
| ୩ | ୮୬ | ୨୬ | ଫଟାଗଡ | ନକଟିଗୁଡା | ୦.୧୪୦ | ୦.୧୪୦ | ଆଟ | ସିଆ କୁଲସିକା, କୁରୁମ କୁଲସିକା, ପ୍ରହଲ୍ଲାଦ କୁଲସିକା ପି-ଚେଙ୍ଗନା କୁଲସିକା |
| | | ୨୯ | ଫଟାଗଡ | ନକଟିଗୁଡା | ୦.୨୧୦ | ୦.୨୧୦ | ଆଟ | |
| | | ୩୦ | ଫଟାଗଡ | ନକଟିଗୁଡା | ୦.୫୫୦ | ୦.୫୫୦ | ଆଟ | |
| | | | | ମୋଟ ଏ | ୩.୧୩୦ | ୩.୧୩୦ | | |

22/12/22

ତହସିଲଦାର ଏବଂ ଭୂ-ଅର୍ଜନ ଅଧିକାରୀ,
କାଶିପୁର, ଜିଲ୍ଲା - ରାୟଗଡା